# NATIONAL NEWS BULLETIN (ODIA)

## 29 June 2026

## Morning Bulletin : 7.15 A.M.

********************************

## ମୁଖ୍ୟ ସମ୍ବାଦ

- ନିରନ୍ତର ବିକାଶ କ୍ଷେତ୍ରରେ ନେତୃତ୍ୱ ପାଇଁ  ସେସେଲ୍ସର ସର୍ବୋଚ୍ଚ ସମ୍ମାନ 'ଗାର୍ଡିଆନ୍ ଅଫ୍ ଦ ବ୍ଲୁ ହରାଇଜନ'ରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ
- ଦେଶବ୍ୟାପୀ ଆଜି 'ସମଗ୍ର ଶିଶୁ ବାଲ୍ ସ୍ୱାସ୍ଥ୍ୟ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ ସ୍ୱାସ୍ଥ୍ୟମନ୍ତ୍ରୀ
- ପୁରୀରେ ଆଜି ଅନୁଷ୍ଠିତ ହେଉଛି ଦେବସ୍ନାନ ପୂର୍ଣ୍ଣିମା

–ରତ୍ନବେଦୀ ଛାଡ଼ି ସ୍ନାନବେଦୀକୁ ବିଜେକଲେ ଚତୁର୍ଦ୍ଧାମୂର୍ତ୍ତି

- ଆମେରିକା ଓ ଇରାନ ମଧ୍ୟରେ ଆସନ୍ତାକାଲି ପୁଣିଥରେ ହେବ ଆଲୋଚନା

ଏବଂ

- ଏଫଆଇଏଚ୍ ହକି ପୁରୁଷ ପ୍ରୋ ଲିଗ୍ର ରିଭର୍ସ ମ୍ୟାଚ୍ରେ ଇଂଲଣ୍ଡକୁ ୩-୨ ଗୋଲ୍ରେ ପରାସ୍ତ କଲା ଭାରତ

## ପିଏମ୍-ଆୱାର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପରିବେଶ ସଂରକ୍ଷଣ ଏବଂ ନିରନ୍ତର ବିକାଶ କ୍ଷେତ୍ରରେ ନେତୃତ୍ୱ ପାଇଁ ସେସେଲ୍ସର ସର୍ବୋଚ୍ଚ ସମ୍ମାନ 'ଗାର୍ଡିଅନ୍ ଅଫ୍ ଦ ବ୍ଲୁ ହରାଇଜନ୍' ପ୍ରଦାନ କରାଯାଇଛି। ସେସେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନି ଏହି ସମ୍ମାନ ପ୍ରଦାନ କରିଛନ୍ତି। ନିରନ୍ତର ବିକାଶକୁ ପ୍ରୋତ୍ସାହନ ଦେବା, ସବୁଜ ଦୃଷ୍ଟିକୋଣ, ବିକାଶଶୀଳ ଦେଶମାନଙ୍କ ସ୍ୱାର୍ଥର ସୁରକ୍ଷା, ନୀଳ  ଅର୍ଥନୀତିର ପ୍ରସାର, ଜଳବାୟୁ ପରିବର୍ତ୍ତନ ମୁକାବିଲା, ସାମୁଦ୍ରିକ ସମ୍ପଦର ନିରନ୍ତର ପରିଚାଳନା ଏବଂ କ୍ଷୁଦ୍ର ଦ୍ୱୀପ ରାଷ୍ଟ୍ରମାନଙ୍କ ବିକାଶକୁ ପ୍ରାଧାନ୍ୟ ଦେବାରେ ଶ୍ରୀ ମୋଦୀଙ୍କ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି।

ସମ୍ମାନ ଗ୍ରହଣ କରି ପ୍ରଧାନମନ୍ତ୍ରୀ ମୋଦୀ ସେଶେଲ୍ସର ସରକାର ଓ ସେଠାକାର ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ମୁକାବିଲା କରୁଥିବା ସମସ୍ତ ଦେଶଙ୍କୁ ସେ ଏହି ସମ୍ମାନ ଉତ୍ସର୍ଗ କରିବା ସହ ପରିବେଶ ସୁରକ୍ଷା ଭବିଷ୍ୟତ ପିଢ଼ି ପ୍ରତି ଆମର ଦାୟିତ୍ୱ ବୋଲି କହିଛନ୍ତି।

# ପିଏମ୍-ସେସେଲ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେସେଲ୍ସର ସ୍ୱାଧୀନତାର ୫୦ତମ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଜାତୀୟ ଦିବସ ଉତ୍ସବରେ ଯୋଗଦେଇଛନ୍ତି। ଶ୍ରୀ ମୋଦୀ ମୁଖ୍ୟ ଅତିଥି ଭାବେ ଏହି ଉତ୍ସବରେ ସାମିଲ ହୋଇଥିବାବେଳେ, ଏହି ସମ୍ମାନ ପାଇବା କ୍ଷେତ୍ରରେ ସେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ । ନୌସେନା ଓ ସ୍ଥଳସେନାର ଏକ ଭାରତୀୟ ମାର୍ଚ୍ଚିଂ ଦଳ ସେଠାରେ ଅନୁଷ୍ଠିତ ପରେଡ୍‌ରେ ଅଂଶଗ୍ରହଣ କରିଥିଲା। ଭାରତ-ସେସେଲ୍ସ ମଧ୍ୟରେ ଥିବା ଘନିଷ୍ଠ ଓ ସ୍ୱତନ୍ତ୍ର ସହଭାଗିତାକୁ ଏହା ପ୍ରତିଫଳିତ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ସେସେଲ୍ସର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସେସେଲ୍ସର ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ଶନିବାର ସେସେଲ୍ସରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ମରିସସର ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ମଧ୍ୟ ଉପସ୍ଥିତ ଥିଲେ।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଭାରତ ମହାସାଗର ଅଞ୍ଚଳର ଏକ ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ଦେଶ ଭାବେ

ସେସେଲ୍ସ ରହିଥିବା ବେଳେ 'ମହାସାଗର' ଯୋଜନାରେ ସେସେଲ୍ସ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି।

## ପିଏମ୍-ସେସେଲ୍ସ ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ସେସେଲ୍ସରେ ମରିସସର ପ୍ରଧାନମନ୍ତ୍ରୀ ଡକ୍ଟର ନବୀନଚନ୍ଦ୍ର ରାମଗୁଲାମଙ୍କ ସହ ସାକ୍ଷାତ କରିଥିଲେ। ଉଭୟ ନେତା ଭାରତ ଓ ମରିସସ ମଧ୍ୟରେ ଚାଲିଥିବା ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଭାରତ ପକ୍ଷରୁ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜର କାର୍ଯ୍ୟକାରିତା କ୍ଷେତ୍ରରେ ହୋଇଥିବା ପ୍ରଗତିର ମଧ୍ୟ ଉଭୟ ନେତା ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମରିସସର ବିକାଶ ଓ ପ୍ରଗତି ନେଇ' ଦ୍ୱିପାକ୍ଷିକ ସହଯୋଗରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ମରିସସର ସ୍ୱାସ୍ଥ୍ୟସେବା, ସଂଯୋଗ ବ୍ୟବସ୍ଥା, ନିରନ୍ତର ବିକାଶ ଏବଂ ନୀଳ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିବ ବୋଲି କହିଥିଲେ। ଭାରତର ଭିଜନ୍ ମହାସାଗର ଏବଂ 'ପଡ଼ୋଶୀ ପ୍ରଥମ' ନୀତି ଅଧୀନରେ ଭାରତ-ମରିସସ ମଧ୍ୟରେ ବୃଦ୍ଧି ପାଉଥିବା ରଣନୀତିକ ଭାଗୀଦାରିର ଗୁରୁତ୍ୱ ତଥା ଗ୍ଲୋବାଲ୍ ସାଉଥ ପ୍ରତି ଦୁଇ ଦେଶର ପ୍ରତିବଦ୍ଧତାକୁ ଉଭୟ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ।

## ନଡ୍ଡା- ଏସ୍ଏସ୍ ବିଏସ୍କେ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପରିଷଦର ଷୋଡ଼ଶ

ସମ୍ମିଳନୀରେ 'ସମଗ୍ର ଶିଶୁ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ'ର ଶୁଭାରମ୍ଭ କରିବେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମ 'ପ୍ରଥମ ତିନି ବର୍ଷ ସମ୍ପୂର୍ଣ୍ଣ ଯତ୍ନ'ର ପରିକଳ୍ପନାକୁ ଅଗ୍ରାଧିକାର ଦେବ। ଶିଶୁର ବଞ୍ଚି ରହିବା, ସୁସ୍ଥ ବିକାଶ, ପୁଷ୍ଟିସାଧନ ଏବଂ ପ୍ରାରମ୍ଭିକ ମସ୍ତିଷ୍କ ବିକାଶ କ୍ଷେତ୍ରରେ ଜନ୍ମରୁ ପ୍ରଥମ ତିନି ବର୍ଷର ଗୁରୁତ୍ୱକୁ ନେଇ ଏହି କାର୍ଯ୍ୟକ୍ରମ କରାଯାଉଛି ।

ସୂଚନା ଅନୁଯାୟୀ,ଏହି କାର୍ଯ୍ୟକ୍ରମରେ  ଜନ୍ମରୁ ତିନି ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନଙ୍କ ପାଇଁ ଘର ଓ ସମୁଦାୟ ଭିତ୍ତିକ ସମନ୍ୱିତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ।  ପଦକ୍ଷେପ ଅଧୀନରେ ବିପଦରେ ଥିବା ଶିଶୁମାନଙ୍କ ପାଇଁ ଅତିରିକ୍ତ ଗୃହ ପରିଦର୍ଶନ ସହ ବିପଦ-ଆଧାରିତ ଅନୁଧ୍ୟାନ ବ୍ୟବସ୍ଥା ପ୍ରଚଳନ କରାଯିବ।  କାର୍ଯ୍ୟକ୍ରମ ଅଧୀନରେ ପ୍ରସବ ପରବର୍ତ୍ତୀ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ, ଶୈଶବର ପ୍ରାରମ୍ଭିକ ବିକାଶ ଏବଂ ସମନ୍ୱିତ ସ୍ୱାସ୍ଥ୍ୟ ପ୍ଲାଟଫର୍ମ ମାଧ୍ୟମରେ ଡିଜିଟାଲ ନିରୀକ୍ଷଣ ବ୍ୟବସ୍ଥାକୁ ମଧ୍ୟ ସାମିଲ କରାଯିବ।

## ପୁରୀ – ସ୍ନାନଯାତ୍ରା

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଆଜି ଶ୍ରୀମନ୍ଦିର ସ୍ନାନ ମଣ୍ଡପକୁ ଚତୁର୍ଦ୍ଧାମୂର୍ତ୍ତି ବିଜେ କରିଛନ୍ତି । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଠାକୁରଙ୍କର ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ଆଜି ସକାଳେ ମହାପ୍ରଭୁଙ୍କ ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି, ଡୋରଲାଗି ନୀତି ଶେଷ ହେବା ପରେ ପହଣ୍ଡି

ଆରମ୍ଭ ହୋଇଥିଲା । ପ୍ରଥମେ ଚକ୍ରରାଜ ସୁଦର୍ଶନ ସ୍ନାନବେଦୀକୁ ବିଜେ କରିଥିଲେ, ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଦଭ୍ରା ଏବଂ ଶେଷରେ ମହାପ୍ରଭୁ ଜଗନ୍ନାଥ ରତ୍ନବେଦୀ ଛାଡି ସ୍ନାନବେଦୀକୁ ବିଜେ କରିଛନ୍ତି । ମହାପ୍ରଭୁଙ୍କ ଆଜି ଦୁର୍ଲଭ ଗଜ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁରୀ ଗସ୍ତରେ ଆସି ସ୍ନାନ ମଣ୍ଡପରେ ଠାକୁରଙ୍କର ଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

## ଗୋୟଲ-ଗ୍ରୀସ୍ ଭିଜିଟ୍

ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋଏଲ ବ୍ରିଟେନ୍ ଗସ୍ତ ଶେଷ କରି ଏବେ ଗ୍ରୀସ୍‌ର ଏଥେନ୍ସରେ ଏକ ଉଚ୍ଚସ୍ତରୀୟ ଭାରତୀୟ ବ୍ୟବସାୟିକ ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି। ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ରଣନୈତିକ ଆର୍ଥିକ ସହଯୋଗକୁ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଗ୍ରୀସ୍ ଗସ୍ତ ସମୟରେ ପ୍ରତିନିଧି ଦଳି ଏଥେନ୍ସ ଷ୍ଟାର୍ଟଅପ୍ ବିଜନେସ୍ ଇନ୍‌କ୍ୟୁବେଟରରେ ଯୋଗଦେବେ।

ଏଥେନ୍ସ ଚାମ୍ବର ଅଫ୍ କମର୍ସ ଏବଂ ଇଣ୍ଡଷ୍ଟ୍ରିରେ ଭାରତ ଓ ଗ୍ରୀସ୍‌ର ଶିଳ୍ପ କ୍ଷେତ୍ରର ପ୍ରମୁଖ ପ୍ରତିନିଧିମାନଙ୍କ ସହ ଭିତ୍ତିଭୂମି ବିକାଶ, ଡିଜିଟାଲୀକରଣ, ପ୍ରତିରକ୍ଷା, ଖାଦ୍ୟ ଓ କୃଷି କ୍ଷେତ୍ରକୁ ନେଇ

ଗୋଲ୍‌ଟେବୁଲ୍ ବୈଠକ ଅନୁଷ୍ଠିତ ହେବ। ଉଭୟ ଦେଶ ମଧ୍ୟରେ ସହଯୋଗର ନୂତନ ସୁଯୋଗ ସୃଷ୍ଟି ଏବଂ ଘରୋଇ ବେସରକାରୀ କ୍ଷେତ୍ରର ସହଭାଗିତାକୁ ସୁଦୃଢ଼ କରିବା ଏହି ଆଲୋଚନାର ଲକ୍ଷ୍ୟ ରହିଛି। ପ୍ରତିନିଧି ଦଳ ଗ୍ରୀସ୍‌ର ଅଗ୍ରଣୀ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପରିଦର୍ଶନ କରି ଉନ୍ନତ ଉତ୍ପାଦନ ଓ ପ୍ରଯୁକ୍ତିନିର୍ଭର କ୍ଷେତ୍ରରେ ସହଯୋଗର ସମ୍ଭାବନା ଅନୁଧ୍ୟାନ କରିବେ।

ଏହାପୂର୍ବରୁ, ଶ୍ରୀ ଗୋଏଲ ଲଣ୍ଡନରେ ଆୟୋଜିତ 'ଇଣ୍ଡିଆ–ୟୁକେ: ପାର୍ଟନର୍ସ ଇନ୍ ପ୍ରୋଗ୍ରେସ୍'ବ୍ୟବସାୟିକ ପୂର୍ଣ୍ଣାଙ୍ଗ ଅଧିବେଶନରେ ଯୋଗଦେଇ ତାଙ୍କର ବ୍ରିଟେନ୍ ଗସ୍ତ ଶେଷ କରିଥିଲେ।ଗସ୍ତ ସମୟରେ ଉଭୟ ଦେଶର ଶିଳ୍ପ କ୍ଷେତ୍ରର ପ୍ରମୁଖ ପ୍ରତିନିଧିମାନେ ବାଣିଜ୍ୟ ଓ ପୁଞ୍ଜିନିବେଶକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବିତ ବ୍ୟାପକ ଆର୍ଥିକ ଓ ବାଣିଜ୍ୟ ଚୁକ୍ତି  ପ୍ରତି ସମର୍ଥନ ପ୍ରକାଶ କରିଥିଲେ।

## ୟୁଏସ୍-ଇରାନ ଟକ୍ସ

ଆମେରିକା ଏବଂ ଇରାନ ପରସ୍ପର ଉପରେ ପ୍ରତିଆକ୍ରମଣ ବନ୍ଦ କରିବା ସହ କତାରର ରାଜଧାନୀ ଦୋହାରେ ଆସନ୍ତାକାଲି ପୁଣି ଆଲୋଚନା କରିବା ପାଇଁ ରାଜି ହୋଇଛନ୍ତି । ହର୍ମୁଜ ପ୍ରଣାଳୀକୁ ନେଇ ଉପୁଜିଥିବା ବିବାଦର ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି। ହର୍ମୁଜ ପ୍ରଣାଳୀ ଅଞ୍ଚଳରେ ଉଭୟ ପକ୍ଷର ଏକାଧିକ ପର୍ଯ୍ୟାୟର ଆକ୍ରମଣ

ପରେ ଦ୍ୱିପାକ୍ଷିକ ଆଲୋଚନା ବିଷୟରେ ଘୋଷଣା କରାଯାଇଛି। ଯୁଦ୍ଧବିରତି ଉଲ୍ଲଙ୍ଘନ କରି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ କରିଥିବା ଅଭିଯୋଗରେ ଆମେରିକା ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରିଥିଲା।  ଜବାବରେ ଇରାନ' ବାହାରିନ ଓ କୁଏତରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରିଥିଲା।

ଆମେରିକାର ଜଣେ  ଅଧିକାରୀ କହିଛନ୍ତି, ବର୍ତ୍ତମାନ ପାଇଁ ଉଭୟ ପକ୍ଷ ସାମରିକ କାର୍ଯ୍ୟକଳାପରୁ ବିରତ ରହିବେ ଏବଂ ଆଲୋଚନା ଜାରି ରହିଥିବା ବେଳେ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳ ସ୍ୱାଭାବିକ ରହିବ ।

## ପାକ୍ -ଆଫଗାନ

ପାକିସ୍ତାନ-ଆଫଗାନିସ୍ତାନ ସୀମାରେ ପାକିସ୍ତାନ ସୁରକ୍ଷା ବଳ ପକ୍ଷରୁ ଆତଙ୍କବାଦୀଙ୍କ ଆଡ୍ଡା ଏବଂ ଆଶ୍ରୟସ୍ଥଳ ଉପରେ ଆକ୍ରମଣରେ ୨୯ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି ।

ସାମାଜିକ ଗଣମାଧ୍ୟମରେ ସେଠାକାର ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାର କହିଛନ୍ତି, ଦେଶର ବିଭିନ୍ନ ସ୍ଥାନରେ ଘଟିଥିବା ଏକାଧିକ ଆତଙ୍କବାଦୀ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଏହି ଅଭିଯାନ ଆରମ୍ଭ

କରାଯାଇଥିଲା । ଗତକାଲି ବନ୍ଧୁକ ଏବଂ ବିସ୍ଫୋରକରେ ସଜ୍ଜିତ ଆତଙ୍କବାଦୀମାନେ ଦକ୍ଷିଣ ବନ୍ଦର ସହର କରାଚିରେ ଥିବା ଅର୍ଦ୍ଧସାମରିକ ବଳ 'ରେଞ୍ଜର୍ସ'ର ଆଞ୍ଚଳିକ ମୁଖ୍ୟାଳୟ ଉପରେ ଆକ୍ରମଣ କରି ତିନିଜଣ ସୈନିକଙ୍କୁ ହତ୍ୟା କରିଥିଲେ । ସୁରକ୍ଷା ବଳ ତିନିଜଣ ଆକ୍ରମଣକାରୀଙ୍କୁ ନିପାତ କରିବା ସହ ଆହତ ଅବସ୍ଥାରେ ଜଣେ ଆକ୍ରମଣକାରୀଙ୍କୁ ଗିରଫ କରିଥିଲେ । ସେ ଜଣେ ଆଫଗାନିସ୍ତାନର ନାଗରିକ ବୋଲି ପାକିସ୍ତାନ ସେନା ପକ୍ଷରୁ ଚିହ୍ନଟ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **କ୍ଷୁଦ୍ର ବ୍ୟବସାୟର ବିକାଶ ଏବଂ ଉଦ୍ୟୋଗୀମାନଙ୍କ ଲାଗି ସୁଯୋଗ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତ ସରକାରଙ୍କ ଏମ୍ଏସଏମ୍ଇ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡକ୍ଟର ରଜନୀଶ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ  011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ

ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ସ୍ପୋର୍ଟସ୍ ରାଉଣ୍ଡଅପ୍

ଲଣ୍ଡନଠାରେ ଗତକାଲି ଅନୁଷ୍ଠିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ର ରିଭର୍ସ ମ୍ୟାଚ୍‌ରେ ଭାରତୀୟ ପୁରୁଷ ହକି ଦଳ ପେନାଲ୍‌ଟି ସୁଟ୍‌ଆଉଟ୍‌ରେ ୩-୨ ଗୋଲ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି । ହକି ବିଶ୍ୱକପ୍ ପୂର୍ବରୁ ଏହା ଭାରତର ଶେଷ ଏଫଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍ ଥିଲା ।

ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟରେ ଯୁକ୍ତରାଷ୍ଟ୍ରର ଲସ୍ ଆଞ୍ଜେଲସ୍‌ରେ  କାନାଡା ୧-୦ ଗୋଲ୍‌ରେ  ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ପ୍ରଥମ ନକ୍‌ଆଉଟ୍ ବିଜୟ ହାସଲ କରିଛି ।  ଆସନ୍ତା ଜୁଲାଇ ମାସ ୪ ତାରିଖ ଶନିବାର ଦିନ ହ୍ୟୁଷ୍ଟନରେ କାନାଡା, ନେଦରଲ୍ୟାଣ୍ଡ୍ସ କିମ୍ବା ମରୋକ୍କୋ ବିପକ୍ଷରେ ମ୍ୟାଚ୍ ଖେଳିବ । ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବା ପରେ ଅବଶିଷ୍ଟ ୩୨ଟି ଦଳକୁ ନେଇ ୨୦୨୬ ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହୋଇଛି । ସିଙ୍ଗଲ୍-ଏଲିମିନେସନ୍ ଭିତ୍ତିକ ଏହି ପର୍ଯ୍ୟାୟ ଆସନ୍ତା ମାସ ୧୯ ତାରିଖରେ ଫିଫା ବିଶ୍ୱକପ୍ ଫାଇନାଲ୍ ସହ ଶେଷ ହେବ ।

ପୁରୁଷ କ୍ରିକେଟ୍‌ରେ ବେଲଫାଷ୍ଟଠାରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟି-୨୦ ଅନ୍ତର୍ଜାତୀୟ ଶୃଙ୍ଖଳାର ଦ୍ୱିତୀୟ ତଥା ଅନ୍ତିମ ମ୍ୟାଚ୍‌ରେ ଆୟରଲ୍ୟାଣ୍ଡ ୧ ରନ୍‌ରେ ଭାରତକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆୟରଲ୍ୟାଣ୍ଡ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୪ ରନ୍ କରିଥିଲା। ଜବାବରେ ଭାରତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୫୩ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆଇସିସି ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଲଣ୍ଡନର ଲର୍ଡ୍ସ ଗ୍ରାଉଣ୍ଡରେ ଗ୍ରୁପ୍-ଏ’ ର ଶେଷ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬ ୱିକେଟ୍‌ରେ ଭାରତକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୭୦ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୯ ଓଭରରେ ୪ ୱିକେଟ୍ ବିନିମୟରେ ୧୭୨ ରନ୍ କରି ବିଜୟୀ ହୋଇଥିଲା।

ୟୁଏସ୍ ଓପନ୍ ୨୦୨୬ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତର କିଦାମ୍ବି ଶ୍ରୀକାନ୍ତ କାଲିଫର୍ଣ୍ଣିଆରେ ଅନୁଷ୍ଠିତ ପୁରୁଷ ଏକକ ସେମିଫାଇନାଲ୍‌ରେ ଜାପାନର ୟୁଦାଇ ଓକିମୋଟୋଙ୍କୁ ୨୨-୨୦, ୧୫-୨୧, ୨୧-୧୯ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛନ୍ତି।

ଏହା ପୂର୍ବରୁ ଶ୍ରୀକାନ୍ତ କ୍ୱାର୍ଟର ଫାଇନାଲ୍‌ରେ ଚାଇନିଜ୍ ତାଇପେଇର ଲିଆଓ ଝୁଓ-ଫୁ ଙ୍କୁ ପରାସ୍ତ କରିଥିଲେ। ସେ ଫାଇନାଲ୍‌ରେ ସୁ ଲି-ୟାଙ୍ଗଙ୍କ ବିପକ୍ଷରେ ମ୍ୟାଚ୍ ଖେଳିବେ । ମ୍ୟାଚ୍ ଭାରତୀୟ ସମୟ

ଭୋର ସାଢ଼େ ୩ଟାରୁ ଆରମ୍ଭ ହେବାର ସମ୍ଭାବନା ରହିଛି। ଅନ୍ୟ ସେମିଫାଇନାଲ୍‌ରେ ସୁ ଲି-ୟାଙ୍ଗ ଭାରତର ରୌଣକ ଚୌହାନଙ୍କୁ ପରାସ୍ତ କରିଛନ୍ତି।

ମହିଳା ଏକକ ସେମିଫାଇନାଲ୍‌ରେ ଭାରତର ଦେବିକା ସିହାଗ’ ଡେନମାର୍କର ଲାଇନ୍ କ୍ରିଷ୍ଟୋଫରସେନଙ୍କଠାରୁ ୧୫-୨୧, ୨୧-୧୧, ୨୧-୧୫ରେ ପରାସ୍ତ ହୋଇଛନ୍ତି। ସେ କ୍ୱାର୍ଟର ଫାଇନାଲ୍‌ରେ ଜାପାନର ରିକୋ ଗୁଞ୍ଜିଙ୍କୁ ପରାସ୍ତ କରିଥିଲେ।

ଇଂଲଣ୍ଡ ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଚାଲିଥିବା ତୃତୀୟ ଟେଷ୍ଟ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ମ୍ୟାଚ୍ ହେବ।ଟ୍ରେଣ୍ଟ ବ୍ରିଜ୍ ଟେଷ୍ଟର ଗତକାଲି ଚତୁର୍ଥ ଦିନ ଖେଳ ଆରମ୍ଭ ପୂର୍ବରୁ ସେ ଏହି ଘୋଷଣା କରିଥିଲେ। ୨୦୧୧ରେ ସେ ସୀମିତ ଓଭର କ୍ରିକେଟ୍‌ରେ ପ୍ରବେଶ କରିଥିବା ବେନ୍ ଷ୍ଟୋକ୍‌ସ ୨୦୧୩ ଆଶେସ୍ ଶୃଙ୍ଖଳାରେ ଆଡିଲେଡ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସେ ଅଲ୍‌ରାଉଣ୍ଡର ଭାବେ ଟେଷ୍ଟ କ୍ରିକେଟ୍‌ରେ ୭ ହଜାରରୁ ଅଧିକ ରନ୍ ସଂଗ୍ରହ କରିବା ସହ ୨୫୦ରୁ ଅଧିକ ୱିକେଟ୍ ନେଇଥିବା ଦ୍ୱିତୀୟ ଖେଳାଳି। ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଇଂଲଣ୍ଡ ପକ୍ଷରୁ ୧୨୧ଟି ଟେଷ୍ଟ, ୧୧୪ଟି ଦିନିକିଆ ଏବଂ ୪୩ଟି ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।